Article published in: The Sambad
05.02.2023, Khurda Edition, Page-12

SAMBAD
ସମ୍ବାଦ

# ବିଶ୍ୱ କର୍କଟ ଦିବସରେ ସଚେତନତା କାର୍ଯ୍ୟକ୍ରମ

ଜଟଣୀ,୪/୨(ଇମିସ): ବିଶ୍ୱ କର୍କଟ ରୋଗ ଦିବସ ଅବସରରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ, ଟାଟା ମେମୋରିଅଲ ସେଣ୍ଟର୍, ନାଇଜର ଓ ଜଟଣୀ ପୌରପାଳିକା ମିଳିତ ସହଯୋଗରେ ନାଇଜର ପଠାଣିସାମନ୍ତ ଅଡିଟୋରିୟମ ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଶ୍ୱ କ୍ୟାନ୍ସର ଦିବସ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଟିଏମ୍‌ସିର ଡ. ଲିଙ୍ଗରାଜ ନାୟକ, ନାଇଜର ପ୍ରଫେସର୍ ବେଦାଙ୍ଗ ଦାସ ମହାନ୍ତି, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ଜଟଣୀ ତହସିଲଦାର ରୁମାନା ଜାଫ୍ରି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅରୁଣ କୁମାର କୁଜୁର, ଡ. ସ୍ୱେତଲାନା ପଣ୍ଡା, ଡ. ବନ୍ଦିତା ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ।

